# Akashvani, Sambalpur

## SAMBALPURI NEWS EVENING BULLETIN

**10 June 2025- 7.02 pm- 7.12 pm.**

*********************************************

୧- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଛେ 'ସୁଶାସନ୍ ଆଉ ବିକଶିତ୍ ଓଡ଼ିଶା' ଶୀର୍ଷକ୍ ଜାତୀୟ ଆଲୋଚନାଚକ୍ର ।
- ରାଜ୍ୟବାସୀଙ୍କୁ ବଛର୍‌କର୍ କାର୍ଯକାରିତା ବାବ୍‌ଦେ ଦେଲେ ହିସାବ୍ ।

୨- ବିଜେପି ନେତୃତ୍ୱାଧୀନ୍ କେନ୍ଦ୍ର ସର୍‌କାର୍ ପ୍ରତିରକ୍ଷା କ୍ଷେତ୍ର ନ କରିଛେ ଉଲ୍ଲେଖନୀୟ ଅଗ୍ରଗତି- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ବାହାର୍‌ଲା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ ପରୀକ୍ଷାଫଲ୍ ।

୪- ଦେବସ୍ନାନ ପୂର୍ଣ୍ଣିମା ତିଥିଥି ଆଏବା କାଏଲ୍ ହାତୀବେଶଥି ଶ୍ରଦ୍ଧାଳୁମାନ୍‌କୁ ଦର୍ଶନ୍ ଦେବେ ଶ୍ରୀଜୀଉ - ପ୍ରଶାସନ୍ ତର୍‌ଫୁ କରାଯାଇଛେ ଖାସ୍ ବ୍ୟବସ୍ଥା ।

ଆଉର୍

୫- ଚକ୍ଷୁଦାନ୍‌କେ ତହଁକାବାର୍ ଲାଗି ଆଏଜ୍ ପାଳନ୍ କରାଯାଉଛେ ବିଶ୍ୱ ଚକ୍ଷୁଦାନ୍ ଦିବସ୍ ।

ସେବା ସୁଶାସନ୍- ମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ କଟକ୍

ସେବା, ସୁଶାସନ୍ ଆଉ ଗରିବ୍ କଲ୍ୟାଣ୍ ଲାଗି ସମର୍ପିତ କେନ୍ଦ୍ର ସର୍କାର୍ଙ୍କର୍ ୧୧ ବଛର୍ ଆଉ ରାଜ୍ୟ ସର୍କାର୍ଙ୍କର୍ ୧ ବଛର୍ ପୂର୍ତି ଅବ୍ସରେ 'ସୁଶାସନ୍ ଆଉ ବିକଶିତ୍ ଓଡ଼ିଶା - ୨୦୩୬ ଆଉ ୨୦୪୭' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଭୁବ୍ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଲୋଚନାଚକ୍ରଥି ରାଜ୍ୟ ସର୍କାର୍ଙ୍କର୍ ଗୁଟେ ବଛର୍ର କାମ୍କେ ନେଇକରି ରାଜ୍ୟବାସୀଙ୍କୁ ରିପୋର୍ଟ କାର୍ଡ଼ ଦେଇଛନ୍ । ପ୍ରଧାନ୍ମନ୍ତ୍ରୀଙ୍କର୍ ନେତୃତ୍ୱାଧୀନ୍ କେନ୍ଦ୍ର ସର୍କାର୍ଙ୍କର୍ ୧୧ ବଛର୍ର ସଫଲ୍ ଯାତ୍ରା ବାବ୍ଦେ ଶ୍ରୀ ମାଝୀ କହିଛନ୍ ଯେ, ଆଏବା କାଏଲ୍ ବିଜେପି ନେତୃତ୍ୱାଧୀନ୍ ସର୍କାର୍ର ୩ ନମ୍ବର୍ ପାଲିର୍ ପହେଲା ବଛର୍ ପୂର୍ତି ପାଲନ୍ କରାଯିବା । ଇ ସମିଆ ଭିତ୍ରେ ଦେଶେ ବହୁତ୍ଟେ ଐତିହାସିକ୍ ପରିବର୍ତନ୍ ସମ୍ଭବ୍ ହେଇପାରିଛେ । ଧାରା ୩୭୦ର ଉଚ୍ଛେଦ୍, ୩ ତଲାକ୍, ଏକକ ଦ୍ରବ୍ୟ ଆଉ ସେବକର, ଜାତୀୟ ଶିକ୍ଷାନୀତି -୨୦୨୦ ଆର୍ ଜନ୍ଧନ୍ ଯୋଜ୍ନା ବାଗିର୍ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ସର୍କାର୍ଙ୍କର୍ ତର୍ଫୁ ନିଆଯାଇଛେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସର୍କାର୍ଙ୍କର୍ ୧ ବଛର୍ର ସଫଲ୍ ଯାତ୍ରା ଉପ୍‌ରେ ସୂଚ୍‌ନା ଦେଇକରି କହିଛନ୍, ଚାଷୀଙ୍କର୍ କଲ୍ୟାଣ୍ ଲାଗି ଧାନ୍ କୁଇଂଟାଲ୍ ପିଛା ୮ ଶହ ଟଙ୍କା ବୋନସ୍, ପୁରୀ ଶ୍ରୀମନ୍ଦିରର ଚାର୍‌ହି ଦୁଆର୍ ଖୁଲ୍‌ବାର୍, ମହିଲାଙ୍କର୍ ସଶକ୍ତିକରଣ୍ ଲାଗି ସୁଭଦ୍ରା ଯୋଜ୍‌ନା ଲାଗୁ, ଶ୍ରୀମନ୍ଦିର୍ ଲାଗି ୫ ଶହ କୋଟିର କର୍ପସ୍ ଫଣ୍ଡ ଗଠନ୍ କରାଯାଇଛେ । ଇତାର୍‌ସହେତେ ରାଏଜେ ୧୭ ଲାଖ୍ ଲକ୍ଷପତି ଦିଦି ସୃଷ୍ଟି କରିକରି ଦେଶେ ପହେଲା ଠାନ୍ ଅଧିକାର୍ କରିଛେ । ସମୃଦ୍ଧ କୃଷି ଯୋଜ୍‌ନାଥି ୩୭ ହଜାର୍ ୮ ଶହ କୋଟି ଟଙ୍କାର୍ ବଜେଟ୍ ତିଆର୍ କରାଯାଇଛେ । ଯେନ୍‌ଥି ରାଜ୍ୟର୍ ବହୁତ୍‌ଟେ ଚାଷୀ ଲାଭ୍ ପାଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍....

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ରାଜ୍ୟ ବିଜେପି ସଭାପତି ମନମୋହନ୍ ସାମଲ୍, ସର୍କାର୍ଙ୍କର୍ ସବୁ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ, ବରିଷ୍ଠ ଅଧିକାରୀ ଆର୍ ବିଶେଷଜ୍ଞମାନେ ଯୋଗ୍ ଦେଇଥିଲେ ।

୧୧ ବର୍ଷ ସୁଶାସନ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସେବା, ସୁଶାସନ୍ ଆଉ ଗରିବ୍ କଲ୍ୟାଣ୍ ନୀତି ଜରିଏ ପରିଚାଲିତ୍ ଭାରତ୍ ନ ଗଲା ଦଶନ୍ଧି ଭିତ୍‌ରେ ଉଲ୍ଲେଖନୀୟ ପରିବର୍ତନ୍ ହେଇଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଦୂରଦୃଷ୍ଟି ଆଉ ପ୍ରତିବଦ୍ଧତା ଦେଶ୍‌କେ ବିଶ୍ୱ ଦର୍‌ବାର୍ ନ ଗୁଟେ ସଶକ୍ତ ରାଷ୍ଟ୍ର ଭାବେ ପ୍ରତିପାଦିତ୍ କରିଛେ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବାଦ୍ ବିଭାଗ୍‌ର ସ୍ୱତନ୍ତ୍ର ରିପୋର୍ଟ....

(ଭଏସ୍ ଓଭର୍- ମାନସୀ ନନ୍ଦ)

*(ଭାରତ୍ ଗଲା ୧୧ ବଛର୍ ଭିତ୍‌ରେ ପ୍ରତିରକ୍ଷା କ୍ଷେତ୍ରଥି ଉଲ୍ଲେଖନୀୟ ଅଗ୍ରଗତି କରିପାରିଛେ । ଦେଶର୍ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ୍‌କେ ତହଁକେଇକରି ଇ କ୍ଷେତ୍ର ନ ଦେଶ୍‌କେ ସ୍ୱୟଂ ସମ୍ପୂର୍ଣ୍ଣ କର୍‌ବାର୍ ଆଉ ସେନାର୍ ଆଧୁନିକ୍‌କରଣ୍ ଦିଗେ ଅନେକ୍ ବଳିଷ୍ଠ ପଦକ୍ଷେପ୍ ନିଆଯାଇଛେ । ଦେଶ୍‌ବାସୀ ଏକତା ଭାବ ପୋଷଣ୍ କର୍‌ବାର୍ ସଙ୍ଗେ ଫି’ କ୍ଷେତ୍ର ନ ବର୍‌କସ୍ କବଚ୍ ଭାବେ ସାରା ପୁର୍‌ଥିକେ ଭାରତ୍‌ର ଅଦମ୍ୟ ସାହସ୍ ଆଉ ଶକ୍ତି ପ୍ରତିଫଳନ୍ ପ୍ରଦର୍ଶନ୍ କରିଛନ୍ ବଲି ସାମାଜିକ୍ ଗଣମାଧ୍ୟମ୍ ବାର୍ତାଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲା ୧୧ ବଛ୍‌ରେ ପ୍ରତିରକ୍ଷା କ୍ଷେତ୍ରର୍ ପରିବର୍ତନ୍‌କେ ପ୍ରଶଂସା କରିଛନ୍ ।*

*ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଦେଶର୍ ପ୍ରତିରକ୍ଷା କ୍ଷେତ୍ର ଐତିହାସିକ୍ ପରିବର୍ତନ୍ ଦେଇକରି ଗତି କରିଛେ ବଲି*

*ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ କହିଛନ୍ । ଦେଶର୍ ସୀମାକେ ବର୍‌କସ୍ କରାଯିବାର୍ ସହେତେ ସେନାବାହିନୀକେ ଆଧୁନିକୀକରଣ୍ କରାଯାଇଛେ । ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ୍ କ୍ଷେତ୍ର ନ ଭାରତ୍ ଆତ୍ମନିର୍ଭରଶୀଳ ହେଇପାରିଛେ । ଏଛେନ୍ ସାରା ପୁର୍‌ଥି ଭାରତ୍‌ର ପ୍ରତିରକ୍ଷା କ୍ଷେତ୍ର ଆଉ ଉତ୍ପାଦନ୍‌କେ ମାନ୍ୟତା ଦଉଛନ୍ ବଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ । ଆକାଶ୍‌ବାଣୀ ସମାଚାର୍ ବିଭାଗ୍ ତର୍‌ଫୁ ମୁଇଁ ମାନସୀ ନନ୍ଦ ।*

ପ୍ରଧାନ୍‌ମନ୍ତ୍ରୀ ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୦ ତାରିଖ୍ ଦିନ ଓଡ଼ିଶା ଆସ୍‌ବେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଇ ବାବ୍‌ଦେ ସେ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଓଜେଇଇ ପରୀକ୍ଷାଫଲ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏଜ୍ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ - ୨୦୨୫ ପରୀକ୍ଷାଫଲ୍ ଆଏଜ୍ ସଞ୍ଜେ ବାହାରିଛେ । ଦକ୍ଷତା

ବିକାଶ୍ ଆଉ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କର୍ ଉପସ୍ଥିତିଥି ପରୀକ୍ଷା ଫଲାଫଲ୍ ଘୋଷ୍‌ନା ପୁସ୍ତିକା ଉନ୍ମୋଚିତ୍ ହେଇଛେ । ୧୭ ଟା ବୈଷୟିକ ଆଉ ବୃତିଗତ ପାଠ୍ୟକ୍ରମ୍ ଲାଗି ୫୫ ହଜାର୍ ୩ ଶହ ୬୨ ଝନ୍ ପରୀକ୍ଷାର୍ଥୀଙ୍କୁ ରେଙ୍କ୍ ମିଲିଛେ । ନର୍ସିଂ ପାଠ୍ୟକ୍ରମ୍‌ର ଫଲାଫଲ୍ ଡିଏମ୍‌ଇଟି ତର୍‌ଫୁ ପଛେ ବାହାର୍‌ବା ।

ସେନାପଟା ଲାଗି ନୀତି ଆର୍‌ଏନ୍‌ୟୁ/ କଟକ୍

ଶ୍ରୀକ୍ଷେତ୍ର ପୁରୀ ନ ପବିତ୍ର ଦେବସ୍ନାନ ପୂନି ତିଥି ଲାଗି ଆଏବା କାଏଲ୍ ଶ୍ରୀଜୀଉମାନେ ହାତୀ ବେଶ୍‌ଥି ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ରତ୍ନବେଦୀନୁ ବାହାରିକରି ସ୍ନାନବେଦୀ ନ ଶ୍ରୀଜୀଉମାନ୍‌କର୍ ଦର୍ଶନ୍ ଲାଗି ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସ୍ୱତନ୍ତ୍ର ନୀତି ନିର୍ଘଂଟ କରାଯାଇଛେ । ଭୋର୍ ସାଢ଼େ ୪ ବେଲେ ମଙ୍ଗଳାର୍ପଣ ଉତ୍‌ରୁ ଡୋରଲାଗି ଆଉ ପୁଷ୍ପାଞ୍ଜଳି ନୀତି ସର୍‌ବାର୍ ଉତାରୁ ସଖାଲର୍ ୫ ବଜେନୁ ୭ ବଜେ ଭିତ୍‌ରେ ପହଣ୍ଡି ହେବା । ସ୍ନାନବେଦୀ ନ ଶ୍ରୀଜୀଉମାନେ ସଖାଲର୍ ୯ ବଜେତକ୍ ପ୍ରବେଶ୍ କର୍‌ବେ । ସେଆଢ଼େ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ନ ମାହାପୁରୁମାନ୍‌କର୍ ସେନାପଟା ଲାଗି ନୀତି ହେଉଛେ ।

ଯୋଗାଣମନ୍ତ୍ରୀ ସମ୍ବଲପୁର             ସମ୍ବଲ୍‌ପୁର୍ ସମ୍ବାଦଦାତା

ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଏଜ୍ ସମ୍ବଲ୍‌ପୁର୍ ନ କୃଷକ୍ ସଂଘ ସହେତେ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଆଲୋଚନା କରିଛନ୍ । ଚାଷୀମାନ୍‌କର୍ ଠାନୁ ଧାନ୍ ଘିନା ଲକ୍ଷ୍ୟ ଆଉ ଟୋକନ୍ ସମସ୍ୟା ବାବ୍‌ଦେ ଆଲୋଚନା ହେଇଥିଲା । ଯଦି ଟୋକନ୍ ସମିଆ ସରିଯିବା ହେଲେ ଚାଷୀମାନେ ଧାନ୍ ବିକ୍ରି ନାଇଁ କରିପାର୍‌ଲେ ଜିଲ୍ଲାପାଲ୍ ତାଙ୍କର୍ ସ୍ୱତନ୍ତ୍ର କ୍ଷମତା ବେଭାର୍ କରିକରି ଆହୁରି ୧୫ ଦିନ୍ ଇତାର୍ ସମିଆ ବଢ଼େଇପାର୍‌ବେ । ରାଜ୍ୟ ସର୍‌କାର୍‌ଙ୍କର୍ ୧ ବଛର୍ ପୂର୍ତି ସଫଲତାକେ ନେଇକରି ଆଏବା ୧୭ ତାରିଖ୍ ସମ୍ବଲ୍‌ପୁର୍ ଜିଲ୍ଲା ନ ସଫଲତା ଯାତ୍ରା ଆୟୋଜନ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ହେଇଥିବା ଗୁଟେ ବୈଠକ୍‌ଥି ଯୋଗାଣମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ସମୀକ୍ଷା କରିଛନ୍ ।

ବିଶ୍ୱ ଚକ୍ଷୁଦାନ୍ ଦିବସ୍             ଆର୍‌ଏନ୍‌ୟୁ/ କଟକ୍

ଚକ୍ଷୁଦାନ୍ ଲାଗି ତହଁକାବାର୍ ଆଉ ସଚେତନ୍ କର୍ବାର୍ ଲାଗି ଆଏଜ୍ ବିଶ୍ୱ ଚକ୍ଷୁଦାନ୍ ଦିବସ୍ ପାଲନ୍ କରାଯାଉଛେ । ଲୁକ୍କର୍ ଜୀବନ୍କେ ଚକ୍ଷୁଦାନ୍ଥି ଆଲୋକିତ କର୍ବାର୍ ଲାଗି ଫି' ବଛର୍ ଜୁନ୍ ମାସ ୧୦ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ବୟସ୍, ଲିଙ୍ଗ, ଜାତି, ଧର୍ମ ନିର୍ବିଶେଷଥି ଯେକେନ୍ସି ଲୋକ୍ ଚକ୍ଷୁଦାନ୍ କରିପାର୍ବେ । ମୃତ୍ୟୁର ୬ ଘଂଟା ଭିତ୍ରେ ମାତରକ ୧୦ ନୁ ୧୫ ମିନିଟ୍ ଭିତ୍ରେ ସ୍ୱଚ୍ଛପଟଳ ସଂଗ୍ରହ କରାଯାଇକରି ଅଲ୍ଗା ଲୋକ୍ଠାନେ ପ୍ରତିରୋପଣ୍ କରାଯାଇପାର୍ଲେ ଚକ୍ଷୁହୀନ ଲୋକ୍କେ ଦୃଷ୍ଟି ଶକ୍ତି ମିଳିଥିସି । ସାମାଜିକ୍ ଆଉ ଧାର୍ମିକ୍ ପରମ୍ପରା ଆର୍ ଭୟକେ ଦୂର୍ କରିକରି ଚକ୍ଷୁଦାନ୍ କରିକରି ଅଲ୍ଗା ଲୁକର୍ ଜୀବନ୍କେ ଆଲୋକିତ କର୍ବାର୍ ଲାଗି ସ୍ୱେଚ୍ଛାସେବୀ ସଂଗଠନ୍ ଆର୍ ସାଂସ୍କୃତିକ୍ ଅନୁଷ୍ଠାନ୍ ମାନ୍କର୍ ତର୍ଫୁ ଇ ଦିବସ୍ ପାଲନ୍ ଅବ୍ସରେ ଆଲୋଚନାଚକ୍ର ଆଉ କର୍ମଶାଳାର୍ ଆୟୋଜନ୍ କରାଯାଉଛେ । ଇ ବଛର୍ ଚକ୍ଷୁଦାନ୍ ଦିବସ୍ର ବାର୍ତା ରହିଛେ 'ଚକ୍ଷୁର ଭବିଷ୍ୟତ୍ଃ ବୈଶ୍ୱିକ ସମୃଦ୍ଧି' ।

ଜିଲ୍ଲାପାଲ୍- ଧାନ୍ ଘିନା ସମୀକ୍ଷା          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ରବି ଧାନ୍ ଘିନା କେନ୍ଦ୍ର ପରିଦର୍ଶନ୍ କରିଛନ୍ । ଇ ସମିଆଥି ଧାନ୍ ବିକ୍‌ବାର୍ ଲାଗି ଆସିଥିବାର୍ ଚାଷୀମାନ୍‌କର୍ ସଙ୍ଗେ ଆଲୋଚନା କରିଛନ୍ । ଧାନ୍ ବିକା କେନ୍ଦ୍ର ନ ଚାଷୀମାନ୍‌କର୍ ଲାଗି ପିଇବାର୍ ପାନିର୍ ବ୍ୟବସ୍ଥା ଆଉ ବର୍ଷା ହେଲେ ଚାଷୀମାନ୍‌କର୍ ଧାନ୍ ସୁରକ୍ଷିତ୍ ରଖ୍‌ବାର୍ ଲାଗି ଜିଲ୍ଲାପାଲ୍ ପରାମର୍ଶ ଦେଇଥିଲେ ।

ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା-ପ୍ରସ୍ତୁତି ବୈଠକ୍

ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ଲାଗି ଆଏଜ୍ ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଲିନା ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଆଏବା ୧୮ ତାରିଖ୍ ଦିନ ୨ ଟା ଖେପେ ଜିଲ୍ଲାସ୍ତରୀୟ, ବ୍ଲକ୍ ଆଉ ୟୁଏଲ୍‌ବି ସ୍ତରୀୟ ଟେବୁଲ୍ ଟକ୍ ଏକ୍ସସାଇଜ୍ ହେବା । ବଏଢ଼୍‌ର ଖବର୍ ପାଏଲେ ସର୍‌କାରୀ ବିଭାଗୀୟ ଅଧିକାରୀମାନେ କେନ୍ତା ପଦକ୍ଷେପ୍ ନେବେ ତାର୍ ଅଭ୍ୟାସ୍ କରାଯିବା । ୧୯ ତାରିଖ୍ ଦିନ ଜିଲ୍ଲାର୍ ୬ ଟା ବନ୍ୟା ଆଶ୍ରୟ

ସ୍କୁଲୀ ନ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ୍ - ମକ୍‌ଡ୍ରିଲ୍ ହେବା ।

କରୋନା ଆର୍‌ଏନ୍‌ୟୁ/ କଟକ୍

ଦେଶେ କରୋନା ଆକ୍ରାନ୍ତଙ୍କର୍ ସଂଖ୍ୟା ୬ ହଜାର୍ ୮ ଶହ ୧୫କେ ପୁହୁଁଚିଛେ । ଗଲା ୨୪ ଘଂଟା ଭିତ୍‌ରେ ୩ ଶହ ୨୪ ଝନ୍ କରୋନାଥି ଆକ୍ରାନ୍ତ ହେଇଛନ୍ । ସ୍ୱାସ୍ଥ୍ୟ ମନ୍ତ୍ରଣାଲୟର୍ ସୂଚ୍‌ନା ଅନ୍‌ସାରେ ସଂକ୍ରମିତ୍ ମାନ୍‌କର୍ ଭିତ୍‌ରୁ ୭ ହଜାର୍ ୬ ଶହ ୪୪ ଝନ୍ ରୋଗୀ ସୁସ୍ଥ ହେଇଛନ୍ । ଏବ୍‌ତକ୍ ଦେଶେ କରୋନା ଆକ୍ରାନ୍ତଙ୍କର୍ ମୃତ୍ୟୁ ସଂଖ୍ୟା ୬୮ ଥିବାର୍ ଜନାପଡ଼ିଛେ ।